بسم الله الرحمن الرحيم

୧୧ ଜାନୁଆରୀ ୨୦୧୯ ଖୁତବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ବୟତୁଲ୍ ଫୁତୁହ୍, ଲଣ୍ଡନ

ହଜରତ ମହମ୍ମଦ ସ.ଆଙ୍କ ବଦରୀ ସାହାବୀ ହଜରତ ଖଲାଦ୍ ବିନ୍ ଉମରୋ ବିନ୍ ଜମୁ ଅନସାରୀ, ହଜରତ ଉକବା ବିନ୍ ଆମିର ର.ଅଙ୍କ ଉତମ ଚରିତ୍ରର ବିଶ୍ୱାସ ବର୍ଦ୍ଧକ ଓ ହୃଦୟଦ୍ରାବୀ ଚର୍ଚ୍ଚା । ଆମେରିକାର ଜଣେ ଅତି ପୁରାତନ ତଥା ବୟୋଜ୍ୟେଷ୍ଠ ଅହମଦି ସିଷ୍ଟର ଆଲିୟା ଶହିଦ୍ ସାହାବା ପତ୍ନୀ ଶ୍ରୀମାନ ଅହମଦ ଶହିଦ୍ ସାହେବାଙ୍କ ଉତମ ଚରିତ୍ର ଚର୍ଚ୍ଚା ।

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ:ବ କହିଲେ- ହଜରତ ଖଲାଦ ବିନ୍ ଉମରୋ ବିନ୍ ଜମୁ ଅନସାରୀ ସାହାବୀ ଥିଲେ ଏବଂ ବଦରୀ ସାହାବାମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ । ଆପଣ ନିଜ ପିତା ହଜରତ ଉମରୋ ବିନ୍ ଜମୁ ଓ ଭାଇ ହଜରତ ମାଜ, ହଜରତ ଅବୁ ଆଏମନ୍ ଓ ହଜରତ ମଉଜଙ୍କ ସାଥିରେ ବଦର ଯୁଦ୍ଧରେ ସାମିଲ ହୋଇଥିଲେ । ବଦର ଯୁଦ୍ଧ ପାଇଁ ମଦିନାରୁ ପ୍ରସ୍ଥାନ କରିବା ଅନ୍ତେ ହଜରତ ମହମ୍ମଦ ସ.ଆ ନିଜ ସୈନ୍ୟସାମନ୍ତ ସହ ସୁକିୟା ସ୍ଥାନରେ ଅବସ୍ଥାନ କରିଥିଲେ ।

ହଜରତ ଖଲାଦ ବର୍ଣ୍ଣନା କରନ୍ତି ହଜରତ ମହମ୍ମଦ ସ.ଆ ହସିକାଙ୍କ ନାମ ପରିବର୍ତନ କରି ସୁକୟା ରଖିଦେଲେ । ମୋ ମନରେ ଏହି ଆଗ୍ରହ ବସାବାନ୍ଧିଥିଲା କି ମୁଁ ଉକ୍ତ ଜମି (ସୁକିୟା)କୁ କିଣିନେବି । କିନ୍ତୁ ମୋ ପୂର୍ବରୁ ହଜରତ ସାଦ ବିନ୍ ଅବି ଓ୍ୱକାସ ତାହାକୁ ଦୁଇ ଗୋଟି ଓଟ ବଦଳରେ କିଣିନେଲେ । ଯେତେବେଳେ ହଜୁର ସ.ଆଙ୍କ ନିକଟରେ ଉକ୍ତ ଜମିର ଚର୍ଚ୍ଚା ହେଲା ସେତେବେଳେ ହଜୁର କହିଲେ ଏହି ବ୍ୟବସାୟ ବେଶ୍ ଲାଭପ୍ରଦ ଅଟେ ।

ଖଲାଦ ଓ ଆପଣଙ୍କ ପିତା ହଜରତ ଉମରୋ ବିନ୍ ଜମୁ ଓ ହଜରତ ଅବୁ ଆଏମନ ତିନିଜଣ ଓ୍ୱହଦ ଯୁଦ୍ଧରେ ସାମିଲ ଥିଲେ ଏବଂ ଶହିଦ୍ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ । ହଜରତ ଖଲାଦ୍‌ଙ୍କ ପିତା ହଜରତ ଉମରୋ ବିନ୍ ଜମୁଙ୍କ ସମ୍ବନ୍ଧରେ ବର୍ଣ୍ଣିତ ଅଛି କି ବଦର ଯୁଦ୍ଧ ପାଇଁ ଯେତେବେଳେ ହଜୁର ସ.ଆ ଘୋଷଣା କଲେ ସେତେବେଳେ ତାଙ୍କ ଗୋଡ଼ରେ ଯନ୍ତ୍ରଣା ଥିବା ଯୋଗୁଁ ତାଙ୍କ ପୁତ୍ରମାନେ ତାଙ୍କୁ ଯୁଦ୍ଧରେ ସାମିଲ୍ ହେବାକୁ ବାରଣ କରିଥିଲେ । କିନ୍ତୁ ଯେତେବେଳେ ଓହଦ ଯୁଦ୍ଧର ସମୟ ଆସିଲା ଉମରୋ ନିଜ ପୁତ୍ରମାନଙ୍କୁ କହିଲେ ତୁମେମାନେ ମୋର ବଦର ଯୁଦ୍ଧରେ ସାମିଲ୍ ହେବାରେ ବାଧକ ସାଜିଥିଲ କିନ୍ତୁ ବର୍ତମାନ ମୋତେ (ଓ୍ୱହଦ ଯୁଦ୍ଧ)ରେ ସାମିଲ ହେବାରୁ ନିବୃତ ରଖିପାରିବ ନାହିଁ । ମୁଁ ଏହି ଯୁଦ୍ଧରେ ନିଶ୍ଚିତ ରୂପେ ସାମିଲ୍ ହେବି । ଅତଏବ ସେ ହଜୁର ସ.ଆଙ୍କ ନିକଟରେ ଉପସ୍ଥିତ ହୋଇ କହିଲେ ହଜୁର ମୋ ପୁତ୍ରମାନେ ଏଥର ମଧ୍ୟ ମୋତେ ଜିହାଦରେ ସାମିଲ ହେବାକୁ ବାରଣ କରୁଛନ୍ତି । ମୁଁ ଆପଣଙ୍କ ସହ ଜିହାଦରେ ସାମିଲ ହେବାକୁ ଚାହୁଁଅଛି । ମୁଁ ଅଲ୍ଲାଃଙ୍କ ଶପଥ କରି କହୁଅଛି ! ଅଲ୍ଲାଃ ମୋ ମନବାଂଛା ପୂରଣ କରିବେ ଏବଂ ମୋତେ ଶହିଦ୍ ହେବାର ସୌଭାଗ୍ୟ ପ୍ରଦାନ କରିବେ ତଥା ମୁଁ ନିଜର ଏହି ଛୋଟା ଗୋଡ଼ରେ ବୈକୁଣ୍ଠରେ ପ୍ରବେଶ କରିବି ।

ହଜରତ ମହମ୍ମଦ ସ.ଆ କହିଲେ ହେ ଉମରୋ ! ନିଃସନ୍ଦେହ ଅଲ୍ଲାଃତାଲା ଆପଣଙ୍କ ଅସୁବିଧା ଯୋଗୁଁ ଆପଣଙ୍କୁ ଜିହାଦରେ ସାମିଲ ନହେବାର ବିକଳ୍ପ ପ୍ରଦାନ କରିଛନ୍ତି ଏବଂ ଜିହାଦ କରିବା ଆପଣଙ୍କ ନିମନ୍ତେ ଅନିବାର୍ଯ୍ୟ ନୁହେଁ । ତା'ପରେ ହଜୁର ତାଙ୍କ ସନ୍ତାନମାନଙ୍କୁ କହିଲେ ତୁମେମାନେ ତାଙ୍କୁ ପୁଣ୍ୟ କର୍ମରୁ ନିବୃତ ରଖ ନାହିଁ । ଯଦି ତାଙ୍କ ମନବାଂଛା ଏହିପରି ଅଟେ ତେବେ ତାଙ୍କୁ ତାହା ପୂରଣ କରିବାକୁ ଦିଅ ସମ୍ଭବତଃ ଅଲ୍ଲାଃ ତାଙ୍କୁ ଶହିଦ୍ ହେବାର ସୌଭାଗ୍ୟ ପ୍ରଦାନ କରିବେ । ଅତଃ ହଜରତ ଉମରୋ ନିଜ ଅସ୍ତ୍ରଶସ୍ତ୍ର ନେଇ ଏହି ଦୁଆ କରି ଓ୍ୱହଦ (ଯୁଦ୍ଧ) କ୍ଷେତ୍ରରେ ଉପସ୍ଥିତ ହୋଇଗଲେ କି **ଅଲ୍ଲାଃହୁମ୍ମା ଅରଜୁକ୍‌ନି ଶାହାଦତନ୍ ଓଲା ତରୁଦ୍‌ଦୁନି ଇଲା ଅହଲି ଖାଇବିନ୍** ଅର୍ଥାତ ହେ ଅଲ୍ଲାଃ ! ମୋତେ ଶହିଦ ହେବାର ସୌଭାଗ୍ୟ ପ୍ରଦାନ କର ଏବଂ ମୋତେ ନିଜ ପରିବାରବର୍ଗଙ୍କ ନିକଟକୁ ଅସଫଳ ଓ ଅକୃତକାର୍ଯ୍ୟ କରି ଫେରସ୍ତ କର ନାହିଁ । ଅଲ୍ଲାଃତାଲା ମଧ୍ୟ ତାଙ୍କର ଏହି ଦୁଆ ସ୍ୱୀକାର କଲେ ଏବଂ ସେ ଉକ୍ତ ଯୁଦ୍ଧ କ୍ଷେତ୍ରରେ ସହିଦ୍ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ । ହଜରତ ଖଲାଦ୍‌ଙ୍କ ମାତା ହଜରତ ହିନ୍ଦ୍ ବିନତ୍ (ପୁତ୍ରି) ଉମରୋ ହଜରତ ଜାବିର ବିନ୍ ଅବଦୁଲ୍ଲାଙ୍କର ଫୁପୁ ଥିଲେ । ଓ୍ୱହଦ

ଯୁଦ୍ଧରେ ହଜରତ ହିନ୍ଦ ନିଜ ସ୍ୱାମୀ, ଗୋଟିଏ ପୁତ୍ର ଓ ଜଣେ ଭାଇ ଶହିଦ୍ ହେବା ଅନ୍ତେ ସେମାନଙ୍କ ମର ଶରୀରକୁ ଏକ ଓଟରେ ଲଦି ମଦିନା ଆଣିବାକୁ ଚେଷ୍ଟା କରିଥିଲେ କିନ୍ତୁ ଯେତେବେଳେ ସେମାନଙ୍କ ସମ୍ବନ୍ଧରେ ଆଦେଶ ହେଲା ସେତେବେଳେ ସେମାନଙ୍କୁ ଓ୍ୱହଦ (କ୍ଷେତ୍ରକୁ)ଫେରସ୍ତ ନେଇଯାଇଥିଲେ ଏବଂ ଓ୍ୱହଦ କ୍ଷେତ୍ରରେ ହିଁ ସେମାନଙ୍କୁ କବର ଦିଆଯାଇଥିଲା ।

ଉକ୍ତ ଘଟଣାର ବିସ୍ତାରିତ ଚର୍ଚ୍ଚା କରି ହଜୁର ଅନଓ୍ୱର ଅ.ବ କହିଲେ- ହଜରତ ଆଏଶା ଓ୍ୱହଦ ଯୁଦ୍ଧ ସମ୍ବନ୍ଧରେ ଖବର ଜାଣିବା ନିମନ୍ତେ ମଦିନାର ମହିଳାମାନଙ୍କ ସାଥିରେ ବାହରକୁ ଆସିଲେ ଯେତେବେଳେ ଆପଣ ହୁରତ୍ ସ୍ଥାନରେ ପହଂଚିଲେ ସେତେବେଳେ ଆପଣଙ୍କ ସାକ୍ଷାତ ହିନ୍ଦ ବିନତ୍ ହଜରତ ଉମରୋଙ୍କ ସହ ହୋଇଗଲା ଯେ ନିଜ ଓଟକୁ ଓଡ଼ୋଉଥିଲେ ଯେଉଁଥିରେ ତାଙ୍କ ସ୍ୱାମୀ ହଜରତ ଉମରୋ ବିନ୍ ଜମୁ, ପୁତ୍ର ହଜରତ ଖଲାଦ୍ ବିନ୍ ଉମରୋ ଓ ଭାଇ ହଜରତ ଅବଦୁଲ୍ଲାଃ ବିନ୍ ଉମରୋଙ୍କ ମର ଶରୀର ଲଦା ହୋଇଥିଲା । ହଜରତ ଆଏଶା ତାଙ୍କୁ ପଚାରିଲେ କ'ଣ ତୁମକୁ କିଛି ଜଣାଅଛି କି ତୁମେ ନିଜ ପଛରେ ଲୋକମାନଙ୍କୁ କିପରି ଅବସ୍ଥାରେ ଛାଡ଼ିଆସିଛ । ଏଥିରେ ହଜରତ ହିନ୍ଦ କହିଲେ ହଜରତ ମହମ୍ମଦ ସ.ଆ ସୁରକ୍ଷିତ ଅଛନ୍ତି ଏବଂ ଆପଣଙ୍କ ଅନ୍ତେ ପ୍ରତ୍ୟେକ ସମସ୍ୟା ସରଳ ସହଜ ଅଟେ । ଯେତେବେଳେ ହଜୁର ସୁରକ୍ଷିତ ଅଛନ୍ତି ସେତେବେଳେ ଆଉ କୌଣସି ଚିନ୍ତା କରିବାର ବିଷୟ ନାହିଁ ।

ହଜରତ ଆଏଶା ତାଙ୍କୁ ପ୍ରଶ୍ନ କଲେ ଓଟ ଉପରେ କାହାର (ମର ଶରୀର)ର ରହିଛି ? ହଜରତ ହିନ୍ଦ କହିଲେ-ମୋ ଭାଇ, ମୋ ପୁତ୍ର ଖଲାଦ୍ ଓ ମୋ ସ୍ୱାମୀ ଉମରୋ ବିନ୍ ଜମୁ ଅଛନ୍ତି । ହଜରତ ଆଏଶା ପଚାରିଲେ ତୁମେ ସେମାନଙ୍କୁ କୁଆଡ଼େ ନେଇଯାଉଛ । ସେ ଉତର ଦେଲେ ମଦିନାରେ ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟା କରିବାକୁ ନେଇଯାଉଛି ତାପରେ ସେ ନିଜ ଓଟକୁ ଓଡ଼େଇବାରୁ ସେ ସେହିଠାରେ ବସିପଡ଼ିଲା । ସେ ଓଟ ଉପରେ ଉତେଜିତ ହେବାରୁ ସେ ଛିଡ଼ା ହୋଇଗଲା, କିନ୍ତୁ ଯେତେବେଳେ ସେ ତାହାର ମୁହଁ ମଦିନା ଆଡ଼କୁ କଲେ ସେ ପୁନଃ ବସିପଡ଼ିଲା । ଆଉ ଯେତେବେଳେ ସେ ତାହାର ମୁହଁ ଓ୍ୱହଦ ଆଡ଼କୁ କଲେ ସେ ଶିଘ୍ର ଶିଘ୍ର ଚାଲିବା ଆରମ୍ଭ କରିଦେଲା । ହଜରତ ହିନ୍ଦ ହଜୁର ସ.ଆଙ୍କ ନିକଟରେ ପହଁଚି ଓଟର ଏପରି ହରକତ ସମ୍ବନ୍ଧରେ ଅବଗତ କରିବାରୁ ହଜୁର କହିଲେ ଏହି ଓଟ ନିଦେଶିତ (ଯାହାକୁ ଆଦେଶ ଦିଆଯାଇଛି) ଅଟେ । ତା'ପରେ ହଜୁର କହିଲେ, ହେ ହିନ୍ଦ୍ ! ଉମରୋ ବିନ୍ ଜମୁ, ତୁମ ସୁପୁତ୍ର ଖଲାଦ୍ ଓ ତୁମ ଭ୍ରାତା ଅବଦୁଲ୍ଲାଃ ବୈକୁଣ୍ଠରେ ପରସ୍ପରର ବନ୍ଧୁ ରହିଛନ୍ତି । ଏଥିରେ ସେ ହଜୁର ସ.ଆଙ୍କୁ କହିଲେ ମୋ ପାଇଁ ମଧ୍ୟ ଦୁଆ କରନ୍ତୁ କି ଅଲ୍ଲାଃତାଲା ମୋତେ ତାଙ୍କ ନିକଟରେ ପହଁଚାଇ ଦିଅନ୍ତୁ ।

ଦ୍ୱିତୀୟ ସାହାବି ଯାହାଙ୍କ ମୁଁ ଚର୍ଚ୍ଚା କରିବାକୁ ଯାଉଅଛି ହଜରତ ଉକବା ବିନ୍ ଆମିର ଅଟନ୍ତି । ତାଙ୍କ ମାତାଙ୍କ ନାମ ଫକିହା ବିନତ୍ ସକନ୍ ଥିଲା ଏବଂ ପିତା ଆମିର ବିନ୍ ନାବି ଥିଲା । ହଜରତ ଉକବା ବିନ୍ ଆମିର ସେହି ଛ'ଜଣ ଅନସାରୀ ମଧ୍ୟରୁ ଜଣେ ଥିଲେ ଯେ ସର୍ବପ୍ରଥମେ ମକ୍କାରେ ଇମାନ ଆଣିଥିଲେ । ସେ ବଏରେ ଅକବା ଉଲାରେ ମଧ୍ୟ ସାମିଲ ଥିଲେ । ଉକ୍ତ ଛ'ଜଣ ସାହାବୀଙ୍କ ନାମ ଅବୁ ଅମାମା ଅସଦ ବିନ୍ ଜରାରାଃ ଯେ ବନୁ ନଜାର (ଗୋଷ୍ଠୀର) ଥିଲେ ଏବଂ ବୟତ କରିବାରେ ସର୍ବପ୍ରଥମ ଥିଲେ, ଅଓ୍ୱଫ ବିନ୍ ହାରିସ୍ ଯେ ହଜୁର ସ.ଆଙ୍କ ଦଦା ଅବଦୁଲ୍ ମୁତଲିବ୍ଙ୍କ ନନାଘର ଗୋଷ୍ଠୀର ଥିଲେ, ରାଫେ ବିନ୍ ମାଲିକ୍ ଯେ ବନୁ ଯରିକ୍ (ଗୋଷ୍ଠୀର) ଥିଲେ, ସେପର୍ଯ୍ୟନ୍ତ ପବିତ୍ର କୁରଆନର ବାଣୀ ହଜୁର ସ.ଆଙ୍କ ଉପରେ ଯେଉଁଳି ଅବତୀର୍ଣ୍ଣ ହୋଇଥିଲା ହଜୁର ତାଙ୍କୁ ପ୍ରଦାନ କରିଦେଲେ । କତବା ବିନ୍ ଆମିର ଯେ ବନି ସଲମା (ଗୋଷ୍ଠୀର) ଥିଲେ, ଉକବା ବିନ୍ ଆମିର ଯେ ବନି ହରାମ (ଗୋଷ୍ଠୀର) ଥିଲେ ଏବଂ ଜାବିର ବିନ୍ ଅବଦୁଲ୍ଲାଃ ବିନ୍ ରିୟାବ୍ ଯେ ବନି ଅବିଦ୍ (ଗୋଷ୍ଠୀର) ଥିଲେ, ଏଥିଅନ୍ତେ ହଜୁର ସ.ଆଙ୍କ ନିକଟରୁ ବିଦାୟ ନେଲେ ଏବଂ ପ୍ରତ୍ୟାବର୍ତନ ସମୟରେ କହିଲେ କି ଆମକୁ ଆମର ଗୃହଯୁଦ୍ଧ ଅତ୍ୟନ୍ତ ଦୁର୍ବଳ କରିରଖିଛି । ଆମ ଗୋଷ୍ଠୀସମୂହ ମଧ୍ୟରେ ଅନେକ ମତାନ୍ତର ରହିଛି ତଥାପି ଆମେ ୟଶରବ୍ (ମଦିନା) ଯାଇ ନିଜ ଭାଇମାନଙ୍କୁ ଇସଲମା ସମ୍ବନ୍ଧରେ ଅବଗତ କରାଇବୁ ସମ୍ଭବତଃ ଅଲ୍ଲାଃତାଲା ଆପଣଙ୍କ ମାଧ୍ୟମରେ ଆମମାନଙ୍କୁ ପୁନଃ ଏକ କରିଦେବେ । ତା'ପରେ ଆମେ ଆପଣଙ୍କୁ ସମସ୍ତ ପ୍ରକାରର ସାହାଯ୍ୟ କରିବୁ । ଅତଏବ ସେମାନେ ଫେରିଗଲେ ଏବଂ ୟଶରବ୍‌ରେ ଇସଲାମର ଚର୍ଚ୍ଚା ହେବା ଆରମ୍ଭ ହୋଇଗଲା ।

ଉକ୍ତ ବର୍ଷ ହଜରତ ମହମ୍ମଦ ସ.ଆ ମକ୍କାରେ ୟଶରବ୍ ବାସୀଙ୍କ ପ୍ରତିକ୍ରୀୟା ଦେଖି ଏକପ୍ରକାର ଆଶାର କିରଣ ଉପର୍ଣ୍ଣେ ହେବା ଅବସ୍ଥାରେ ଅନୁଭବ କଲେ । ଆପଣ ଅଧିକାଂଶ ସମୟରେ ଚିନ୍ତା କରୁଥିଲେ କି ଦେଖ ଏହାର କି ପରିଣତି ପ୍ରକାଶ

ପାଉଛି । ୟଶରବ୍‌ରେ (ଇସଲାମ) ପ୍ରଚାର ପ୍ରସାରର ଆଶା ହସ୍ତଗତ ହେଉଛି ନା ନାହିଁ ।

ହଜୁର ଅନଓ୍ୱର ଅ.ବ କହିଲେ- ସେତେବେଳେ ମକ୍କାବାସୀଙ୍କ ଅତ୍ୟାଚାର ଦିନକୁ ଦିନ ବଢିଚାଲିଥିଲା ଏବଂ ସେମାନେ ଏକଥା ବେଶ୍ ଭଲଭାବରେ ବୁଝିଯାଇଥିଲେ କି ଇସଲାମର ମୂଳୋତ୍ପାଟନ କରିବାର ଏହା ହିଁ ସଠିକ୍ ସମୟ କିନ୍ତୁ ଏହି ଭୟଙ୍କର ସମୟରେ ଯାହାକି ଇସଲାମରେ କଦାପି ଏପରି ସମୟ ଆସିନାହିଁ ହଜରତ ମହମ୍ମଦ ସ.ଆ ଓ ଆପଣଙ୍କ ନିଷ୍ଠାପର ସାହାବୀଗଣ ଏକ ସୁଦୃଢ ପ୍ରସ୍ତର ସଦୃଶ ଗୋଟିଏ ସ୍ଥାନରେ ପ୍ରତିଷ୍ଠିତ ରହିଲେ ଏବଂ ଆପଣଙ୍କ ଏହି ଦୃଢସଙ୍କଳ୍ପ ଓ ପ୍ରତିଷ୍ଠିତ ରହିବା ବିରୋଧୀମାନଙ୍କୁ ଆଚମ୍ଭିତ କରିଦେଉଥିଲା କି ଏହି ବ୍ୟକ୍ତି କିଭଳି ପ୍ରସସ୍ତ ହୃଦୟର ଅଧିକାରୀ ଅଟେ । କୌଣସି ପ୍ରକାର ବିରୋଧାତ୍ମକ ଗତିବିଧି ତାହାକୁ ନିଜ ସ୍ଥାନରୁ ଆନ୍ଦୋଳିତ କରିପାରୁ ନାହିଁ ବରଂ ଏହି ଯୁଗରେ ହଜୁର ସ.ଆଙ୍କ ଶବ୍ଦରେ (କହିଲେ) ବିଶେଷକରି ଏକ ମର୍ଯ୍ୟାଦା ଓ ପ୍ରତିଷ୍ଠାର ଭାବନା ଉତ୍ପର୍ଣ୍ଣ ହେଉଥିଲା । ହଜରତ ମହମ୍ମଦ ସ.ଆ ଯେତେବେଳେ କିଛି କହୁଥିଲେ ଅତ୍ୟନ୍ତ ପ୍ରଭାବଶାଳୀ ବଚନ କହୁଥିଲେ । ଆପଣଙ୍କ କଥାରେ ଏବଂ ବାଧାବିଘ୍ନର ପ୍ରଳୟକାରୀ ମହାବାତ୍ୟାରେ ଆପଣଙ୍କ (ପବିତ୍ର) ମସ୍ତକ ଅଧିକ ଉଚ୍ଚା ଦୃଶ୍ୟମାନ ହେଉଥିଲା । ଏହି ଦୃଶ୍ୟ ଏକପାର୍ଶ୍ୱରେ କୁରୈଶ୍ ମକ୍କାବାସୀଙ୍କୁ ଆଚମ୍ଭିତ କରୁଥିଲା ତ ଅନ୍ୟପାର୍ଶ୍ୱରେ ତାଙ୍କ ହୃଦୟ ଭୟରେ କମ୍ପି ଉଠୁଥିଲା । ଏହି ଦିନମାନଙ୍କ ସମ୍ବନ୍ଧରେ ସର ଉଲିୟମ୍ ମେୟର ଲେଖିଛନ୍ତି-

ଉକ୍ତ ଦିବସରେ ହଜରତ ମହମ୍ମଦ ସ.ଆ ନିଜ ଗୋଷ୍ଠୀ ସମ୍ମୁଖରେ ଏପରି ଦୃଢହୃଦୟରେ ପ୍ରତିଷ୍ଠିତ ଥିଲେ କି ବିରୋଧୀମାନଙ୍କୁ କେତେକ ସମୟରେ ହରକତ କରିବାକୁ ମଧ୍ୟ ସାହାସ ଜୁଟୁନଥିଲା । *ଶେଷରେ ନିଜ ବିଜୟ ପ୍ରାପ୍ତିର ବିଶ୍ୱାସରେ କିନ୍ତୁ ପ୍ରକାଶ୍ୟରେ ଅତ୍ୟନ୍ତ ଦୁର୍ବଳ, ଅସହାୟ ଏବଂ ତାଙ୍କର କୌଣସି ସାହାଯ୍ୟକାରୀ ନଥିବା କ୍ଷୁଦ୍ର ଗୋଷ୍ଠୀ ସେହି ସମୟରେ ଯେପରି ଏକ ମହାବଳ ବାଘ ମୁହଁରେ ଥିଲା କିନ୍ତୁ ସେ ସେହି ସର୍ବଶକ୍ତିମାନ ପରମେଶ୍ୱରଙ୍କ ସାହାଯ୍ୟ ଓ ଅନୁକମ୍ପା ଉପରେ ପୂର୍ଣ୍ଣ ବିଶ୍ୱାସ ଓ ଆସ୍ଥା ଅକ୍ଷୁଣ୍ଣ ରଖିଥିଲେ ଯେ ତାଙ୍କୁ ନିଜ ଦୂତ କରି ପ୍ରେରଣ କରିଥିଲେ ।* ହଜରତ ମହମ୍ମଦ ସ.ଆ ଏଭଳି ଦୃଢବିଶ୍ୱାସର ସହ ନିଜ ସ୍ଥାନରେ ପ୍ରତିଷ୍ଠିତ ଥିଲେ କି ଯାହାଙ୍କୁ କୌଣସି ଷଡ଼ଯନ୍ତ୍ର ଓ ମନ୍ଦ ଯୋଜନା ଆନ୍ଦୋଳିତ କରିପାରି ନଥିଲା ।

ହଜୁର ଅନଓ୍ୱର ଅ.ବ କହିଲେ- ତେବେ ସେ ଯାହା ହେଉ ତାହା ଇସଲାମ ନିମନ୍ତେ ଅତ୍ୟନ୍ତ ଭୟଙ୍କର ସମୟ ଥିଲା । ମକ୍କାବାସୀଙ୍କ ତରଫରୁ ପୂର୍ଣ୍ଣ ରୂପେ ନିରାଶା ହେବାଅନ୍ତେ ମଦିନାରୁ ଆଶାର ଏକ କିରଣ ଉତ୍ପର୍ଣ୍ଣ ହେଲା । ସେମାନଙ୍କ ମଧ୍ୟରୁ ଯେ ଆପଣଙ୍କ ବୟତ କରି ଫେରିଯାଇଥିଲେ, ହଜୁର ସ.ଆ ତାଙ୍କ ଉପରେ ଆଶା ବାନ୍ଧିଥିଲେ କି ଦେଖାଯାଉ ମଦିନାବାସୀ ମଧ୍ୟ ମକ୍କା ଓ ତାଇଫ ପରି ମୋର ଅସ୍ୱୀକାର କରୁଛନ୍ତି ନା ତାଙ୍କ ଭାଗ୍ୟରେ ଆଉ କିଛି ଲିପିବଦ୍ଧ ଅଛି । ଅତଏବ ଯେତେବେଳେ ହଜ୍ (କରିବା)ର ସମୟ ଆସିଲା ଆପଣ ଅତ୍ୟନ୍ତ ଉତ୍କଣ୍ଠାର ସହ ନିଜ ଘରୁ ବାହାରିଲେ ଏବଂ ମନି(ଅଂଚଳ) ଦିଗରେ ଅକବା ସ୍ଥାନରେ ପହଁଚି ଏଣେତେଣେ ନଜର କଲେ ତ ହଠାତ୍ ଆପଣ ୟଶରବ୍‌ର ଏକ ଛୋଟ ଦଳକୁ ଦେଖିବାକୁ ପାଇଲେ । ଯେ ଆପଣଙ୍କୁ ଦେଖି ସଙ୍ଗେସଙ୍ଗେ ଚିହ୍ନିନେଲେ ଏବଂ ଅତ୍ୟନ୍ତ ପ୍ରେମ ଓ ନିଷ୍ଠାର ସହ ଆଗକୁ ବଢି ଆପଣଙ୍କ ସହ ସାକ୍ଷାତ କଲେ । ଏଥର ସେମାନେ ୧୨ ଜଣ ସଦସ୍ୟ ଆସିଥିଲେ ଯେଉଁମାନଙ୍କ ମଧ୍ୟରେ ୫ଜଣ, ଗତ ବର୍ଷ ଆସିଥିବା ବିଶ୍ୱାସକାରୀ ଥିଲେ ଏବଂ ସାତ ଜଣ ନୂତନ ବ୍ୟକ୍ତି ଅଓ୍ୱସ ଓ ଖଯରଜ୍ ଗୋଷ୍ଠୀ ମଧ୍ୟରୁ ଥିଲେ । ହଜରତ ଉକବା ବିନ୍ ଆମିର ମଧ୍ୟ ଏହି ବୟତରେ ଅନ୍ତର୍ଭୁକ୍ତ ଥିଲେ ।

ହଜରତ ମହମ୍ମଦ ସ.ଆ ଲୋକମାନଙ୍କ ଠାରୁ ଅଲଗା ହୋଇ ଏକ ଘାଟିରେ ସେମାନଙ୍କୁ ସାକ୍ଷାତ କରିଥିଲେ । ସେମାନେ ୟଶରବ୍‌ର ଅବସ୍ଥା ସମ୍ବନ୍ଧରେ ହଜୁର ସ.ଆଙ୍କୁ ଖବର ଦେଲେ ଏବଂ ଏଥର ପାରମ୍ପରିକ ରୀତିରେ ସମସ୍ତେ ଆପଣଙ୍କ (ପବିତ୍ର) ହସ୍ତରେ ବୟତ କଲେ । ଏହି ବୟତ ମଦିନାରେ ଇସଲାମର ଭିତିପ୍ରସ୍ତରର ପ୍ରଥମ ଶୀଳା ଥିଲା । ବୟତ କରିବା ଅନ୍ତେ ହଜରତ ମହମ୍ମଦ ସ.ଆ କହିଲେ କି ଯଦି ତୁମେ ସତ୍ୟ ଓ ଦୃଢମନର ସହ ଏହି ପ୍ରତିଶୃତିରେ ପ୍ରତିଷ୍ଠିତ ରୁହ ତେବେ ତୁମକୁ ବୈକୁଣ୍ଠ ପ୍ରାପ୍ତି ହେବ । ଯଦି ତୁମେ ଦୁର୍ବଳତା ପ୍ରଦର୍ଶନ କର ତେବେ ତୁମ ମାମଲା ଅଲ୍ଲାହଙ୍କ ହାତରେ, ସେ ଯେଭଳି ଇଚ୍ଛା କରନ୍ତି ତୁମ ସହ ଆଚରଣ କରିବେ ।

ଏହି ବୟତ ଇସଲାମର ଇତିହାସ ପୃଷ୍ଠାରେ ବୟତେ ଅକବା ଉଲା ନାମରେ ଖ୍ୟାତ କାରଣ ଯେଉଁ ସ୍ଥାନରେ ସେହି

ବୟତ ନିଆଯାଇଥିଲା ତାହା ଅକବାର ସ୍ଥାନ ଥିଲା । ଯାହାକି ମକ୍କା ଓ ମିନା ମଧ୍ୟରେ ଅବସ୍ଥିତ । ଶବ୍ଦ ଅକବାର ଅର୍ଥ ଉଚ୍ଚ ପାହାଡ଼ିଆ ମାର୍ଗ ଅଟେ । ମକ୍କାରୁ ପ୍ରତ୍ୟାବର୍ତନ ସମୟରେ ଉକ୍ତ ୧୨ଜଣ ନବାଗତ ମୁସଲମାନ ହଜୁର ସ.ଆଙ୍କୁ ନିବେଦନ କଲେ କି ଆମ ସାଙ୍ଗରେ ଜଣେ ମୌଲିମ୍‌ଙ୍କୁ ପ୍ରେରଣ କରନ୍ତୁ ଯେ ଆମକୁ ଇସଲାମ ସମ୍ବନ୍ଧରେ ଶିକ୍ଷା ଦେବ ଏବଂ ଆମ ଅମାନ୍ୟକାରୀ ଭାଇମାନଙ୍କ ମଧ୍ୟରେ ଇସଲାମର ପ୍ରଚାର କରିବେ । ହଜୁର ସ.ଆ ମୁସେଏବ୍ ବିନ୍ ଉମେରଙ୍କୁ ଯେ ଅବଦୁଲ୍ ଦାର ଗୋଷ୍ଠୀର ଜଣେ ନିଷ୍ଠାପର ଯୁବକ ଥିଲେ ସେମାନଙ୍କ ସାଥିରେ ପ୍ରେରଣ କଲେ ।

ହଜୁର ଅନଓ୍ୱର ଅ.ବ କହିଲେ- ଦ୍ୱିତୀୟ ବୟତେ ଅକବା ୧୩ ନବୀ (ବର୍ଷ)ରେ ହୋଇଥିଲା ଏବଂ ଏଥିରେ ୭୦ଜଣ ଅନସାରୀ ବୟତ କରିଥିଲେ । ହଜରତ ଉକବା ବିନ୍ ଆମିର ବଦର ଓ ଓ୍ୱହଦ ସମେତ ସମସ୍ତ ଯୁଦ୍ଧରେ ହଜୁର ସ.ଆଙ୍କ ସାଥିରେ ସାମିଲ ଥିଲେ । ଆପଣ ଓ୍ୱହଦ ଯୁଦ୍ଧରେ ସୌନ୍ୟବାହିନୀ ମଧ୍ୟରେ ସବୁଜ ରଙ୍ଗର ବସ୍ତ୍ର ପରିଧାନ କରିଥିବାରୁ ସ୍ପଷ୍ଟ ରୂପେ ଚିହ୍ନା ପଡୁଥିଲେ ଆପଣ ହଜରତ ଅବୁବକରଙ୍କ ଖିଲାଫତ୍ କାଳରେ ଅର୍ଥାତ ୧୨ ହିଜ୍‌ରୀରେ ୟମାମା ଯୁଦ୍ଧରେ ଶହିଦ୍ ହୋଇ ଏହି ଇହଧାମ ପରିତ୍ୟାଗ କରିଥିଲେ ।

ହଜରତ ଉକବା ବିନ୍ ଆମିର ବର୍ଣ୍ଣନା କରନ୍ତି ମୁଁ ନିଜ ପୁତ୍ରକୁ ସାଥିରେ ନେଇ ହଜୁର ସ.ଆଙ୍କ ନିକଟରେ ଉପସ୍ଥିତ ହେଲି ଯେତେବେଳେ କି ସେ ଯୁବାସ୍ଥାରେ ପଦାର୍ପଣ ହିଁ କରିଥିଲା । ମୁଁ କହିଲି ହେ ଅଲ୍ଲାଃଙ୍କ ରସୁଲ ! ମୋ ମାତାପିତା ଆପଣଙ୍କ ଉପରେ ଉତ୍ସର୍ଗ ହୁଅନ୍ତୁ, ମୋ ପୁତ୍ରକୁ ଦୁଆ ଶିଖାଇ ଦିଅନ୍ତୁ ଯାହାକି ସେ ପୁନରାବୃତୀ କରିବ, ବସ୍ତୁତଃ ଅଲ୍ଲାଃ ତାହା ଉପରେ କଲ୍ୟାଣ କରିବେ । ଆପଣ କହିଲେ ହେ ପୁତ୍ର କୁହ **ଅଲ୍ଲାଃହୁମ୍ମା ଇନ୍ନି ଅସ୍‌ଅଲୁକା ସିହତା ଫି ଇମାନ୍ ଓ୍ୱ ଇମାନା ଫି ହୁସ୍‌ନି ଖୁଲ୍‌କିନ୍ ଓ୍ୱ ସଲାହନ୍ ୟତ୍‌ତବାହୁ ନଜାତ୍** ଅର୍ଥାତ ହେ ଅଲ୍ଲାଃ ମୁଁ ତୁମଠାରୁ ବିଶ୍ୱାସ ଧାରଣ କରିବା ଅବସ୍ଥାରେ (ଉତମ) ସ୍ୱାସ୍ଥ୍ୟ ଭିକ୍ଷା କରୁଅଛି ଏବଂ ବିଶ୍ୱାସର ସହ ଉତମ ଆଚରଣ (ପ୍ରଦର୍ଶନ କରିବା)ର ଦୁଆ କରୁଅଛି ଏବଂ ସନ୍ଧି କରିବା ଅନ୍ତେ କୃତକାର୍ଯ୍ୟ (ହେବା)ଭିକ୍ଷା କରୁଅଛି । ଅଲ୍ଲାଃତାଲା ଉକ୍ତ ସାହାବାମାନଙ୍କର ବୈକୁଣ୍ଠରେ ସ୍ତର ବୃଦ୍ଧି କରିଚାଲନ୍ତୁ ।

ହଜୁର ଅନଓ୍ୱର ଅ.ବ କହିଲେ- ଏହାପରେ ମୁଁ ଆମେରିକାର ଜଣେ ଅତ୍ୟନ୍ତ ପୁରାତନ ବୟୋଜ୍ୟେଷ୍ଠ ଅହମଦି ସିଷ୍ଟର ଆଲିୟା ଶହିଦ୍ ସାହାବା ପତ୍ନୀ ଶ୍ରୀମାନ ଅହମଦ ଶହିଦ୍ ସାହେବାଙ୍କ ଚର୍ଚ୍ଚା କରିବି ଓ ତାଙ୍କ ନମାଜ ଜନାଯାଃ ମଧ୍ୟ ପାଠ କରାଇବି । ସେ ୨୬ ଡ଼ିସେମ୍ବର ୨୦୧୮ ତାରିଖ ଦିନ ଦେହ ତ୍ୟାଗ କଲେ । ଅଲ୍ଲାଃତାଲା ତାଙ୍କୁ ବେଶ୍ ଦିର୍ଘଜୀବି କରିଥିଲେ ଏବଂ ସେବା କରିବାକୁ ମଧ୍ୟ ଶକ୍ତି ପ୍ରଦାନ କରିଥିଲେ । (ଶାରୀରିକ) ଅସମର୍ଥତାରୁ ମଧ୍ୟ ନିବୃତ ରଖିଲେ ଏବଂ ସେ ଦିର୍ଘ ୧୦୫ବର୍ଷ ବୟସରେ ଏହି ଇହଧାମ ପରିତ୍ୟାଗ କଲେ । ଅଲ୍ଲାଃତାଲା ବୈକୁଣ୍ଠରେ ତାଙ୍କର ସ୍ତର ବୃଦ୍ଧି କରନ୍ତୁ **ଇନ୍ନା ଲିଲ୍ଲାହି ଓ୍ୱଇନ୍ନା ଇଲୈହି ରାଜେଉନ୍** ।

ଆମେରିକାର ଅମିର ସାହେବ ତାଙ୍କ ସମ୍ବନ୍ଧରେ ଲେଖିଛନ୍ତି କି ତାଙ୍କୁ ୧୯୩୬ ମସିହାରେ ବୟତ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ସେ ୧୯୩୬ ରୁ ୧୯୬୬ ମସିହା ପର୍ଯ୍ୟନ୍ତ ସଦର ଲଜନା ଆମେରିକା ରହିଥିଲେ, ଏପରି ସେ ୫୦ବର୍ଷ ପର୍ଯ୍ୟନ୍ତ ଆମେରିକାର ସଦର ଲଜନା, ତାପରେ ଏକ ଦିର୍ଘ ସମୟ କାଳ ଜେନେରାଲ୍ ସେକ୍ରେଟାରୀ, ସେକ୍ରେଟାରୀ ମାଲ, ସେକ୍ରେଟାରୀ ତାଲିମ୍, ସେକ୍ରେଟାରୀ ଖିଦମତେ ଖଲକ୍ ଓ ସ୍ଥାନୀୟ ସଦର ଲଜନା ଆଦି ସେବା ସମ୍ପାଦନ କରିବାକୁ ଶକ୍ତି ପ୍ରାପ୍ତ ହୋଇଥିଲା । ସର୍ବଦା ଜମାଅତ ଓ ଖିଲାଫତ୍ ସହ ଅନ୍ତରଙ୍ଗ ସମ୍ପର୍କ (ବାନ୍ଧି)ରଖିଥିଲେ ଏବଂ ସମସ୍ତ ପ୍ରକାରର ବଳିଦାନ ନିମନ୍ତେ ସର୍ବଦା ପ୍ରସ୍ତୁତ ରହୁଥିଲେ । ଅତ୍ୟନ୍ତ ନମ୍ର ଓ ସ୍ନେହୀ ମହିଳା ଥିଲେ । ଅଲ୍ଲାଃତାଲା ବୈକୁଣ୍ଠରେ ତାଙ୍କର ସ୍ତର ବୃଦ୍ଧି କରନ୍ତୁ ଓ ତାଙ୍କ ସନ୍ତାନସନ୍ତତିଙ୍କ ମଧ୍ୟରେ ଧାର୍ମିକ ସେବା କରିବାର ଆତ୍ମା ଓ ଉତ୍ସାହ ଉତ୍ପର୍ଣ୍ଣ କରନ୍ତୁ ଯେପରି ତାଙ୍କ (ମାତାଙ୍କ)ଭିତରେ ଥିଲା ।

Khulasa Khutba Juma Huzoor Anwar a.b.a

11th January 2019